# Akashvani, Sambalpur

# SAMBALPURI NEWS BULLETIN

## 21 May 2025- 6.47- 6.52 am.

*********************************************

ଓଡ଼ିଶା ଦୁଃସାହସିକ ପର୍ଯ୍ୟଟନ I&PR

ସମ୍ବଲପୁର୍‌ର ହୀରାକୁଦ୍ ଠାନେ ହଟ୍ ଏୟାର୍ ବେଲୁନ୍, ଅନୁଗୁଲ୍ ଜିଲ୍ଲା ସାତକୋଶିଆ ଠାନେ ରାଫ୍ଟିଙ୍ଗ୍ ବ୍ୟବସ୍ଥା ସଙ୍ଗେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଦୁଃସାହସିକ ପର୍ଯ୍ୟଟନ୍‌ର ବିକାଶ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗଲାକାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ବୈଠକ୍‌ଥି ଓଡ଼ିଶା ଦୁଃସାହସିକ ପର୍ଯ୍ୟଟନ୍ ନିର୍ଦ୍ଦେଶାବଲୀ -୨୦୨୫ ଚୂଡ଼ାନ୍ତ କରାଯାଇଛେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଥିଙ୍କ୍ ଇଣ୍ଡିଆ-ଥିଙ୍କ୍ ଓଡ଼ିଶାକେ ନଜର୍‌ଥି ରଖିକରି ଓଡ଼ିଶା ନ ଦୁଃସାହସିକ୍ ପର୍ଯ୍ୟଟନ୍‌ର ବିକାଶ୍ କରାଯିବା । ଇଥିର୍‌ଲାଗି ୟୁଆନ୍ ପିଲାଟୁକେଲ୍ ମାନ୍‌କୁ ତାଲିମ୍ ଦିଆଯାଇକରି ବହୁତ୍‌ଟେ ନିଯୁକ୍ତି ମିଳିପାର୍‌ବା । ଇସବୁଥି ଗୋଏଡ୍‌ଭେନ୍‌ଚର୍ ପୋର୍ଟାଲ୍ ଜରିଏ ଘରୋଇ କ୍ଷେତ୍ରକେ ଭିଲ୍ ସାମିଲ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଉପ ନିର୍ବାଚନ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଆଏବା ଜୁନ୍ ୨୩ ତାରିଖ୍‌ନୁ ରାଜ୍ୟର୍ ୨୦ ଟା ଜିଲ୍ଲା ନ ଖାଲିଥିବା ୪୩ ଟା ସର୍‌ପଂଚ୍ ଆର୍ ୨୩ ଟା ଜିଲ୍ଲାର୍ ୨ ଶହ ୭୨ ଟା ୱାର୍ଡ଼ମେମ୍ବର୍ ପଦ୍‌ବୀ ଲାଗି ଉପ ନିର୍ବାଚନ୍ ହେବା । ୨୪ ତାରିଖ୍ ଭୋଟ୍ ଗନ୍‌ତି ସଙ୍ଗେ ନିର୍ବାଚନ୍ ଫଲାଫଲ୍ ଘୋଷ୍‌ନା କରାଯିବା । ନିର୍ବାଚନ୍ ଲାଗି ଜୁନ୍ ୨୦ ନୁ ୨୪ ତକ୍ ସେ ଇଲାକାମାନ୍‌କେ ଆଦର୍ଶ ଆଚରଣ୍ ବିଧି ଲାଗୁ କରାଯିବା ବଲି ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିନୁ ଜନାପଡ଼ିଛେ ।

+୨ ପରୀକ୍ଷାଫଲ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ଯୁକ୍ତ ଦୁଇ ପରୀକ୍ଷାଫଲ୍ ଆଏଜ୍ ଉପର୍‌ବେଲା ୪ ବଜେ ବାହାର୍‌ବା । ଇଥର କଳା, ବାଣିଜ୍ୟ ଆଉ ବିଜ୍ଞାନ୍‌ର ପରୀକ୍ଷା ଫଲ୍ ଏକାସାଙ୍ଗେ ବାହାର୍‌ବା । ରେଗୁଲାର୍ ଆର୍ ଏକ୍ସରେଗୁଲାର୍ ବର୍ଗଥି ମୋଟ୍ ୩ ଲାଖ୍ ୯୩ ହଜାର୍ ୬ ଶହ ୧୮ ଝନ୍ ଛାତ୍ରଛାତ୍ରୀ ଇ ପରୀକ୍ଷା ଦେଇଥିଲେ । ଇ ବାବ୍‌ଦେ ଉଚ୍ଚମାଧ୍ୟମିକ୍

ଶିକ୍ଷା ପରିଷଦ୍‌ର ପରୀକ୍ଷା ନିୟନ୍ତ୍ରକ ଡକ୍ଟର୍ ପ୍ରଶାନ୍ତ କୁମାର୍ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ପରୀକ୍ଷା ନିୟନ୍ତ୍ରକ)

ସେଆଡ଼େ ଉଚ୍ଚ ଶିକ୍ଷା ବିଭାଗ୍ ଯୁକ୍ତ ୩ ନାଁଲେଖା ସମିଆକେ ଜୁନ୍ ୧ ତାରିଖ୍‌ତକ୍ ବଢ଼େଇଛନ୍ । ଛାତ୍ରଛାତ୍ରୀମାନେ ଆଏବା ଜୁନ୍ ୧ ତାରିଖ୍ ଭିତ୍‌ରେ ସାମ୍ସ ପୋର୍ଟାଲ୍ ଜରିଏ ଅନ୍‌ଲାଇନ୍ ଆବେଦନ୍ କରିପାର୍‌ବେ ।

ମେଟ୍ରିକ୍ ସପ୍ଲିମେଂଟରୀ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ମେଟ୍ରିକ୍ ସପ୍ଲିମେଂଟରୀ ପରୀକ୍ଷା ଆଏବା ଜୁଲାଇ ୧ ତାରିଖ୍‌ନୁ ମୁଲ୍ ହେବା । ୬ ଟା ବିଷେଥି ହେବାର୍‌କେ ଥିବା ଇ ପରୀକ୍ଷା ୧୦ ତାରିଖତକ୍ ଚାଲ୍‌ବା ବଲି ମାଧ୍ୟମିକ୍ ଶିକ୍ଷା ପରିଷଦ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ୨୦୨୫ ମେଟ୍ରିକ୍ ପରୀକ୍ଷାଥି ଅନୁପସ୍ଥିତ୍, ଫେଲ୍ ଆର୍ ଏମ୍. ପି. ହେଇଥିବା ପରୀକ୍ଷାର୍ଥୀମାନ୍‌କୁ ପାସ୍ କର୍‌ବାର୍ ଲାଗି ସପ୍ଲିମେଂଟାରୀ ପରୀକ୍ଷାଥି ସୁଯୋଗ୍ ରହିଛେ । ଇଥିର୍‌ଲାଗି ଗଲା ୧୪ ତାରିଖ୍‌ନୁ ମୁଲ୍ ହେଇଥିବା ଆବେଦନ୍ ପ୍ରକ୍ରିୟା ଆଏବା ୨୬ ତାରିଖ୍‌ତକ୍ ଚାଲ୍‌ବା । ଇଚ୍ଛୁକ ଛାତ୍ରଛାତ୍ରୀମାନେ ପ୍ରଧାନ୍ ଶିକ୍ଷକଙ୍କର୍ ଜରିଆଥି ଅନ୍‌ଲାଇନ୍‌ଥି ଆବେଦନ୍ କରିପାର୍‌ବେ ।

ମାଲ୍‌ଦୀପ୍ ସାରସ୍ୱାଲ୍ଡ ଏକ୍ସପୋ        I&PR

ଇ ବଛର୍ ମାଲ୍‌ଦୀପ୍ ଠାନେ ହେବାର୍‌କେ ଥିବା ମାଲ୍‌ଦୀପ୍ ସାରସ୍ୱାଲ୍ଡ ଏକ୍ସପୋ -୨୦୨୫ ଥି କେନ୍ଦ୍ର ଗ୍ରାମୀଣ ବିକାଶ୍ ମନ୍ତ୍ରଣାଳୟ ତର୍‌ଫୁ ଗୁଟେ ଜିଲ୍ଲା- ଗୁଟେ ଦରବ୍ ଅଧୀନ୍‌ଥି ଭାରତ୍‌ର ଭିନ୍ ଭିନ୍ ଇଲାକାର୍ ଉତ୍ପାଦିତ୍ ଦରବ୍‌ମାନ୍ ଠାନ୍ ପାଏବା । ମେ ୨୩ ତାରିଖ୍‌ନୁ ହେବାର୍‌କେ ଥିବା ଏକ୍ସପୋଥି ଓଡ଼ିଶାର୍ ୫ ଟା ଜିଲ୍ଲାର୍ ୫ ଟା ସ୍ୱୟଂ ସହାୟକ ଗୋଷ୍ଠୀଙ୍କର୍ ୭ ଟା ଉତ୍ପାଦିତ୍ ଦରବ୍ ପ୍ରଦର୍ଶନ୍ କର୍‌ବାର୍‌କେ ମନୋନୀତ୍ ହେଇଛେ । ଇଥି ବର୍‌ଗଡ଼୍‌ର ହେଣ୍ଡଲୁମ୍ ଆର୍ ଏଗ୍ରି ପ୍ରଡ୍ୟୁସର୍ କମ୍ପାନୀର୍ ସମ୍ବଲ୍‌ପୁରୀ ଶାଢ଼ୀ, ସୁବର୍ଣ୍ଣପୁର୍ ମା’ ମଙ୍ଗଳା ଏସ୍‌ଏଚ୍‌ଜିର ଇକତ୍ ଶାଢ଼ୀ, ପୁରୀ ରଘୁରାଜ୍‌ପୁର୍‌ର ପଟ୍ଟଚିତ୍ର ରହିଥିବାର୍ ଜନାପଡ଼ିଛେ ।

ନ୍‌ଲାଇନ୍ ନଥିପତ୍ର ବ୍ୟବସ୍ଥା        ବୌଦ୍ଧ ସମ୍ବାଦଦାତା

ସର୍‌କାରୀ କାମ୍‌ଥି ସ୍ୱଚ୍ଛତା ଆନ୍‌ବାର୍ ଲାଗି ବୌଦ୍ଧ ଜିଲ୍ଲା ନ ଆଏବା ୨୭ ତାରିଖ୍‌ନୁ ଅନ୍‌ଲାଇନ୍ ନଥିପତ୍ର ବ୍ୟବସ୍ଥା ମୁଲ୍ ହେବା ।  ଇଟାକେ ଲାଗୁ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ପାଇଲଟ୍ ଜିଲ୍ଲା ଭାବେ ବୌଦ୍ଧ ଜିଲ୍ଲାକେ ବଛାଯାଇଛେ । ଇ ମାସର୍ ୨୭ ତାରିଖ୍‌ତକ୍ ଜିଲ୍ଲାର୍

ସବୁ ସର୍‌କାରୀ କାର୍ଯ୍ୟାଲୟ, ବ୍ଲକ୍ ଆଉ ତହସିଲ୍ କାର୍ଯ୍ୟାଲୟ ନ ଇ ଅନ୍‌ଲାଇନ୍ ନଥିପତ୍ର ବ୍ୟବସ୍ଥା ମୁଲ୍ ହେବା ।

ଜିଲ୍ଲା ପରିଷଦ୍ ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଲୟ ଠାନେ ଗଲାକାଏଲ୍ ଜିଲ୍ଲା ପରିଷଦ୍ ବୈଠକ୍ ହେଇଯାଇଛେ । ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା ଡଲି ମାଝୀଙ୍କର୍ ସଭାପତିତ୍ୱଥି ହେଇଥିବା ବୈଠକ୍‌ଥି କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ, ଖଡ଼ିଆଲ୍ ବିଧାୟକ୍ ଅଧୀରାଜ୍ ପାଣିଗ୍ରାହୀ, ଜିଲ୍ଲାପାଳ୍ ମଧୁସୂଦନ୍ ଦାସ୍ ପ୍ରମୁଖ ଯୋଗ୍ ଦେଇକରି ଜିଲ୍ଲାର୍ ସର୍ବାଙ୍ଗୀନ୍ ବିକାଶ୍ ଲାଗି ସମ୍‌କର୍ ସହଯୋଗ୍ କାମନା କରିଥିଲେ । ଇ ଅବ୍‌ସରେ କୃଷି, ଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା ବାଗିର୍ ଭିନ୍ ଭିନ୍ ବିଭାଗ୍‌ର ୩ ମାସର୍ କାମ୍ କାଜ୍‌ର ସମୀକ୍ଷା କରାଯାଇଥିଲା ।

ଖେଲୋ ଇଣ୍ଡିଆ ବିଚ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ/ଆର୍‌ଏନ୍‌ୟୁ ସମ୍ବଲପୁର

ଦାମନ୍ ଆଉ ଡିଉ ନ ମୁଲ୍ ହେଇଥିବା ପହେଲା ଖେଲୋ ଇଣ୍ଡିଆ ବିଚ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଓଡ଼ିଶା ମହିଳା ଦଲ୍ ତାର୍ ପହେଲା ମେଚ୍

ଜିତିଛେ । ଟୁର୍ଣ୍ଣାମେଂଟ୍‌ଥି ଓଡ଼ିଶା ଦଲ୍ - ମଧ୍ୟପ୍ରଦେଶ୍ ଦଲ୍‌କେ ୧୮/୧ ଗୋଲ୍‌ଥି ହରେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଆଏବା ୨୪ ତାରିଖ୍‌ତକ୍ ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ନ କାଲ୍‌ବୈଶାଖୀ ପ୍ରଭାବ୍‌ଥି ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ଆଏବା ୨୪ ଘଂଟା ଭିତ୍‌ରେ ଉତର୍ ଆର୍ ଦକ୍ଷିଣ୍ ଓଡ଼ିଶାର୍ କେତେଟା ଜାଗା ନ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ସମ୍ଭାବନା ରହିଛେ । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ୧୩ ଟା ଜିଲ୍ଲାନ ଜବର୍ ଘଡ଼୍‌ଘଡ଼ି, ଧୁକାଗର୍ଦ୍ଦି ଆଉ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ସତର୍କ କରିଛେ ।